## ସଂକ୍ଷେପରେ

### ନିଖୋଜ ବୃଦ୍ଧଙ୍କ ମୃତଦେହ ଜଙ୍ଗଲରୁ ଠାବ ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ

**ପରଜଙ୍ଗ, ୧୨।୯(ଡି.ଏନ୍.ଏ.):** ପାରିବାରିକ କହଳକୁ କେନ୍ଦ୍ର କରି ଘରଛାଡ଼ି ପଳାଇଥିବା ଜଣେ ବୃଦ୍ଧଙ୍କ ମୃତଦେହ ୫ଦିନ ପରେ ଜଙ୍ଗଲରୁ ମିଳିଛି। ମୃତଦେହ ନିକଟରୁ ଏକ ବିଷ ବୋତଲ ମିଳିଥିବାରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମେଣ୍ଢାପଦା ଗ୍ରାମର କାଳିନ୍ଦୀ ବିଶ୍ୱାଳ। ପୋଲିସ ସୂଚନା ଅନୁଯାୟୀ, ଘରେ ମନୋମାଳିନ୍ୟକୁ କେନ୍ଦ୍ରକରି କାଳିନ୍ଦୀ ୫ଦିନ ତଳେ ଘର ଛାଡ଼ି କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ସେମାନେ ସାଆନ୍ଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ସୋମବାର ବସୋଇ ଗ୍ରାମ ନିକଟ କର୍ଣାଟକପୁର ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲକୁ ଯାଇଥିବାବେଳେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପରିବାର ଲୋକଙ୍କ ସହାୟତାରେ ମୃତଦେହ ଚିହ୍ନଟ ପରେ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଏହା ବିଷପାନ ଜନିତ ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଖମାରସାହି ଲକ୍ଷ୍ମୀପୂଜା କମିଟି ବୈଠକ

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ସହର ଖମାରସାହି ପୂଜା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପୁରାତନ କମିଟି ମହୋତ୍ସବ କାର୍ଯ୍ୟ ସମ୍ପାଦନ କରିବ ବୋଲି ନିଷ୍ପତ୍ତି ହୋଇଛି। ସଭାପତି ଭାବେ ସୁକାନ୍ତ ମିଶ୍ର, ସମ୍ପାଦକ ସୁଶାନ୍ତ ସାହୁ, ଉପସଭାପତି ବସନ୍ତ ରଥ, କୋଷାଧ୍ୟକ୍ଷ ଦିଲୀପ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ବଳରାମ ବାରିକ, ଉପଦେଷ୍ଟା ଚକ୍ରଧର ରାଉତ, ପ୍ରେମାନନ୍ଦ ପ୍ରଧାନ, ବିଶ୍ୱନାଥ ମହାପାତ୍ର, ଦୀପକ ମିଶ୍ର, ପ୍ରଭାତ ସାହୁ ଏବଂ ଦୀପୁ ପତ୍ରୀ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବା ଲାଗି ଏକ କୋର୍ କମିଟି ଗଠନ କରାଯାଇଛି। ପ୍ରଫେସର ବିଶ୍ୱନାଥ ମହାପାତ୍ରଙ୍କୁ ଆବାହକ ଦାୟିତ୍ୱ ପ୍ରଦାନ କରାଯାଇଛି।

### ରାଧାମାଧବ ମଠରେ ଭାଗବତ ଜନ୍ମୋତ୍ସବ

**ଢେଙ୍କାନାଳ ଅଫିସ, ୧୨।୯:** ଢେଙ୍କାନାଳ ସଦର ବ୍ଲକ ନଡ଼ିଆଳୀ ପଞ୍ଚାୟତର ରାଧାମାଧବ ମଠରେ ଇନ୍ଦୁପୂର୍ଣ୍ଣିମା ଅବସରରେ ଶନିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସମ୍ମୁଖରେ ହୋମଯଜ୍ଞ ସହ ଭାଗବତ ପାଠର ଆୟୋଜନ କରାଯାଇଥିଲା। ପୂଜକ ଚୈତନ୍ୟ ମହାରଣା, ଟ୍ରଷ୍ଟି କ୍ଷେତ୍ରବାସୀ ସାହୁ, ସଭ୍ୟ ସୁଦାମ ବେହେରା, ସତ୍ୟାନନ୍ଦ ବେହେରା, ତ୍ରିଲୋଚନ ସାହୁ, ଆଶୁତୋଷ ସାହୁ, ପାଣ୍ଡବ ବେହେରା ପ୍ରମୁଖ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ତୋରଣରେ ସ୍ୱର୍ଣ୍ଣମନ୍ଦିର

- ■ପୋଥାଳ ସାହି ପୂଜା କମିଟି ପାଳିବ ୧୨ବର୍ଷ ପୂର୍ତ୍ତି
- ■କୋଲକାତାରୁ ଆସିବେ ମହିଳା ସଂକୀର୍ତ୍ତନ ମଣ୍ଡଳୀ

**ଭୁବନ, ୧୨।୯(ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି କଳାସଂସ୍କୃତିର ସହର ଭୁବନ। ପ୍ରତିଯୋଗିତାପୂର୍ଣ୍ଣ ମହୋତ୍ସବରେ ୧୩ ମଣ୍ଡପ ସାମିଲ ହୋଇଥିବାବେଳେ ମୂର୍ତ୍ତି, ମେଢ଼, ସାଜସଜ୍ଜାକୁ ନେଇ ଆରମ୍ଭ ହୋଇଛି ପ୍ରତିଦ୍ୱନ୍ଦ୍ୱିତା। ଏଥିରେ ନିଜକୁ ସାମିଲ କରିଛି ପୋଥାଳ ସାହି ପୂଜା କମିଟି। ଚଳିତବର୍ଷ ପୂଜା ପ୍ରତିଷ୍ଠାନର ୧୨ଶ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ। ତେବେ ମୁଖ୍ୟ ଆକର୍ଷଣ ସାଜିବ ପଞ୍ଜାବ ସ୍ୱର୍ଣ୍ଣ ମନ୍ଦିର ଆକୃତିର ତୋରଣ। ମା'ଙ୍କ ଆବାହନକୁ ହାତଗଣତି ଦିନ ବାକି ଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଦିନରାତି ଏକ କରିଦେଇଛନ୍ତି କମିଟି ସଦସ୍ୟ।

ଦଶହରା ବଳଦ ଯାତ୍ରାରେ ଦୀର୍ଘବର୍ଷ ଧରି ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିବା ପୋଥାଳ ସାହି ୧୨ବର୍ଷ ତଳେ ସାର୍ବଜନୀନ ଦୁର୍ଗାପୂଜାରେ ସାମିଲ ହୋଇଥିଲା। ପ୍ରଥମ ବର୍ଷ ୧ ଲକ୍ଷ ୫୨ ହଜାର ଟଙ୍କା ବ୍ୟୟରେ ପୂଜାର ଆୟୋଜନ କରାଯାଇଥିଲା। ଏବେ ଖର୍ଚ୍ଚ ବୃଦ୍ଧି ପାଇ ସାଢ଼େ ୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହି ଅର୍ଥରେ ପୂଜାଠାରୁ ଆରମ୍ଭ କରି ଭସାଣି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ କରାଯିବ। ମା' ଦଶଭୁଜାଙ୍କ ମୂର୍ତ୍ତି ନିର୍ମାଣ ପାଇଁ କଟକ ଜିଲା ଟାଙ୍ଗୀର ଶିଳ୍ପୀ ନିୟୋଜିତ ହୋଇଛନ୍ତି। ସେହିପରି କଟକ ଏବଂ ସାଲେପୁର ଅଞ୍ଚଳର କାରିଗର ସ୍ୱର୍ଣ୍ଣମନ୍ଦିର ଢାଞ୍ଚାରେ ନିର୍ମାଣ ହେବାକୁ ଥିବା ତୋରଣ କାମ ଆରମ୍ଭ କରିସାରିଲେଣି। ମା'ଙ୍କ ଆବାହନଠାରୁ ଆରମ୍ଭ କରି ବିସର୍ଜନ ଯାଏ ଦୈନିକ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯିବ। ଭସାଣି ଶୋଭାଯାତ୍ରାକୁ ସ୍ୱତନ୍ତ୍ର କରିବା ଲାଗି କୋଲକାତାରୁ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ବାଜା ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।



**ଆଡମ୍ବର ସହକାରେ ଆୟୋଜନ କରାଯିବ**



କରୋନା ପାଇଁ ଦୁଇବର୍ଷ ହେଲା କେବଳ ବିଧିପାଳନ କରାଯାଉଥିଲା। ଚଳିତ ବର୍ଷ କଟକଣା ନ ଥିବାରୁ ଆଡମ୍ବର ସହକାରେ ପୂଜା ଆୟୋଜନ କରାଯିବ। ପୂଜା ପ୍ରତିଷ୍ଠାନର ୧୨ବର୍ଷପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

**-ରମେଶ ଚନ୍ଦ୍ର ସେଠୀ, ସଭାପତି**

**ସାଂସ୍କୃତିକ କାର୍ଯ୍ୟକ୍ରମ ସାଜିବ ମୁଖ୍ୟ ଆକର୍ଷଣ**



ପୂଜା ପ୍ରତିଷ୍ଠାନର ୧୨ବର୍ଷ ପୂର୍ତ୍ତିକୁ ନେଇ ଯୁବବର୍ଗ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ମା'ଙ୍କ ଏହି ଉତ୍ସବକୁ କିଭଳି ଶାନ୍ତିଶୃଙ୍ଖଳାର ସହ କରାଯିବ, ତାହାକୁ ନେଇ ପ୍ରସ୍ତୁତି ଆଗେଇ ଚାଲିଛି। ପୂଜାର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିବ।

**-ସନ୍ତୋଷ କୁମାର ଗୁରୁ, ସମ୍ପାଦକ**

# ୩୮ ଅଭିଯୋଗର ସମାଧାନ




ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ପଞ୍ଜୀକୃତ ହୋଇଥିବା ୪୬ଟି ଅଭିଯୋଗ ମଧ୍ୟରୁ ୩୮ଟିର ସମାଧାନ କରାଯାଇଥିଲା। ରେଡ୍‌କ୍ରସ୍ ସହାୟତା ପାଣ୍ଠି ପାଇଁ ୪ଜଣ ଓ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଜଣେ ଆବେଦନ କରିଥିଲେ। ଶିବିରରେ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଥାନା ଘେରିଲେ କୁକୁଡ଼ା ଚାଷୀ



କୁକୁଡ଼ା ଚାଷୀମାନେ ଥାନା ଘେରାଉ କରିଛନ୍ତି।

**ଢେଙ୍କାନାଳ ଅଫିସ, ୧୨।୯**

ଶୋଷଣର ଶିକାର ହେଉଥିବା ଢେଙ୍କାନାଳ ଜିଲାର ଶତାଧିକ କୁକୁଡ଼ା ଚାଷୀ ସୋମବାର ଟାଉନ ଥାନା ଘେରାଉ କରିଛନ୍ତି। ଏକ ସଂସ୍ଥା ସେମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

କୁକୁଡ଼ା ଚାଷୀଙ୍କ କହିବା କଥା, ଏକ ସଂସ୍ଥା ବିଭିନ୍ନ ବ୍ଲକର କୁକୁଡ଼ା ଚାଷୀଙ୍କୁ ଅନାବଶ୍ୟକ ସ୍ଥଳେ କୁକୁଡା ଖାଦ୍ୟ, ଚିଆଁ ନେବାକୁ ବାଧ କରୁଛି। ବିରୋଧ କଲେ ମିଥ୍ୟା ମାମଲାରେ ଫସାଇ ଦେବାକୁ ଧମକଚମକ ଦେଉଛି। ଏ ନେଇ କୁକୁଡା ଚାଷୀ ସଂଘ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ଥାନା ଘେରାଉ କରାଯାଇଥିଲା। ସରକାର ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ ଲାଗି ପଦକ୍ଷେପ ନ ନେଲେ ଚାଷୀମାନେ କୁକୁଡା ଚାଷ ଛାଡ଼ିବେ ବୋଲି ସଂଘ ସଭାପତି ନରେନ୍ଦ୍ର ଖଟୁଆ, ସମ୍ପାଦକ ମାନସ ରଞ୍ଜନ ବରାଳ, ମଣ୍ଡଳ ସଭାପତି ସୁଶୀଲ ବେହେରା, ଦେବୀପ୍ରସନ୍ନ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ସୂଚନା ପାଇ ଏସ୍‌ଡିପିଓ ବିକାଶ ବେଉରା ଆନ୍ଦୋଳନସ୍ଥଳକୁ ଆସି ଅତିରିକ୍ତ ଥାନାଧିକାରୀ କଳ୍ପନା ବେହେରାଙ୍କ ସହ ଚାଷୀଙ୍କୁ ବୁଝାଶୁଝା କରିବା ପରେ ଥାନା ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ କୌଣସି ମାମଲା ହୋଇ ନ ଥିବା ବେଳେ ଘଟଣାର ଅନୁଧ୍ୟାନ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଏମ୍‌ପିଙ୍କ ଅର୍ଥନୈତିକ ଅବରୋଧ ଚେତାବନୀ

**ଢେଙ୍କାନାଳ ଅଫିସ, ୧୨।୯**

ଆଞ୍ଚଳିକ ବିକାଶ ପାଇଁ ରାଜ୍ୟ ସରକାର ପ୍ରତି ବିଧାୟକଙ୍କୁ ବର୍ଷକୁ ୩ କୋଟି ଟଙ୍କା ପ୍ରଦାନ କରୁଛନ୍ତି। ଏମ୍‌ପିମାନେ ୧୫ କୋଟି ଟଙ୍କା ପାଇବା କଥା। ତେବେ ଅଦ୍ୟାବଧି ମାତ୍ର ସାଢ଼େ ୨ କୋଟି ଟଙ୍କା ମିଳିଛି। ଏହାକୁ ନେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ କ୍ଷୋଭବ୍ୟକ୍ତ କରିଛନ୍ତି। ଏହାର ପ୍ରତିବାଦରେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ, ଅନୁଷ୍ଠାନ, ଶିଳ୍ପାନୁଷ୍ଠାନରେ ଆନ୍ଦୋଳନ ସହ ରେଳରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ଣ୍ଣାଙ୍ଗ ୨୫ କୋଟି ଟଙ୍କା ଦିଆଯିବା ବ୍ୟବସ୍ଥା କରା ନ ଗଲେ କିମ୍ବା କେନ୍ଦ୍ର ସରକାର ବିକଳ୍ପ ବ୍ୟବସ୍ଥା ନ କଲେ ଅର୍ଥନୈତିକ ଅବରୋଧ କରିବେ ବୋଲି ସେ କହିଛନ୍ତି। ଢେଙ୍କାନାଳ ଲୋକ ସଭା କ୍ଷେତ୍ର ରାଜ୍ୟ, କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ଦେଉଛି। ଅର୍ଥ ପ୍ରଦାନ କରିବାରେ ଯଦି କେନ୍ଦ୍ରର କ୍ଷମତା ନାହିଁ, ତେବେ ଏହାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କମ୍ପାନୀ ସାମାଜିକ ଦାୟିତ୍ୱବୋଧ ପାଣ୍ଠି ଉପଯୋଗ ପାଇଁ ପରାମର୍ଶ ଦିଅନ୍ତୁ ବୋଲି ଏମ୍‌ପି ଦାବି କରିଛନ୍ତି।

# ଖବରଦାତାଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଅଞ୍ଚଳର ଖବରଦାତା ଅଲେଖ ପ୍ରସାଦ ଜେନା (୫୯)ଙ୍କ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଦୁଇଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ମୃତ ଅଲେଖଙ୍କ ଘର ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ବସୁଲେଇ ଗ୍ରାମରେ। ତାଙ୍କ ମରଶରୀର ସୋମବାର ସକାଳେ କଣ୍ଟାବଣିଆ ବଜାରରେ ପହଞ୍ଚିବା ପରେ ବହୁ ବ୍ୟବସାୟୀ, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କୁ ସମ୍ମାନ ଜଣାଇ ଦୋକାନବଜାର ବନ୍ଦ ରହିଥିଲା। ମରଶରୀରକୁ ପୈତୃକ ଗ୍ରାମ ବସୁଲେଇ ନିଆଯିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅଲେଖଙ୍କ ଏଭଳି ଅକାଳ ବିୟୋଗରେ ଓଡ଼ାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ସଂଘ କାର୍ଯ୍ୟାଳୟଠାରେ ସଭାପତି ରବିନାରାୟଣ ବେହେରାଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଜଗନ୍ନାଥ ନାୟକ, ସହ ସମ୍ପାଦକ ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ବେହେରାଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟମାନେ ତାଙ୍କର ସ୍ମୃତିଚାରଣ କରିଥିଲେ।




ସ୍ମୃତିସଭାରେ ଗଣମାଧ୍ୟମ ପ୍ରତିନିଧିମାନେ।

## ମା' ବ୍ରାହ୍ମଣୀଦେବୀ ବଜାରର ନୂତନ କମିଟି

# ଯୁଗଳ ସଭାପତି, ଧ୍ରୁବ ସମ୍ପାଦକ



**ଢେଙ୍କାନାଳ ଅଫିସ, ୧୨।୯:** ଢେଙ୍କାନାଳ ସହର ୨୩ନଂ. ୱାର୍ଡ କୋରିଆଁ ଅଞ୍ଚଳରେ ଥିବା ମା' ବ୍ରାହ୍ମଣୀ ଦେବୀ ବଜାରର ନୂତନ ପୂଜା କମିଟି ଗଠନ କରାଯାଇଛି। ସଭାପତି ଭାବେ ଯୁଗଳ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଭାବେ ଧ୍ରୁବ ନାୟକ, କୋଷାଧ୍ୟକ୍ଷ ଭାବେ ବିକାଶ ସାହୁ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ସୁରେନ୍ଦ୍ର ମଲ୍ଲିକ, ଓଝା, ପ୍ରକାଶ ଓଝା, ସନ୍ତୋଷ ସାହୁ, ସମ୍ପାଦକ ଶୁଭରାମ ଯାଦବ, ଉପଦେଷ୍ଟା ଶରତ ରାଉଳ, ମୁନା ରାଉଳ, ଅର୍ଜୁନ ରାକେଶ ସାହୁ, ପ୍ରସନ୍ନ ସାହୁ, ଅମାନି ସାହୁ ପ୍ରଧାନ, ସୁବ୍ରତ ମଲ୍ଲିକ, ଆବିଷ୍କାର ଚୟନ ହୋଇଛନ୍ତି। ସଭ୍ୟ ଭାବେ ହାଡ଼ିବନ୍ଧୁ ମଲ୍ଲିକ, ବୃନ୍ଦାବନ ମଲ୍ଲିକ, ସନାତନ ସ୍ୱାଇଁ, ରମେଶ ମହାପାତ୍ର, କାର୍ତ୍ତିକ ଦେହୁରୀ, ପ୍ରହଲ୍ଲାଦ ଭୋଳ, ବିନୋଦ ପୃଷ୍ଟି ମନୋନୀତ ହୋଇଛନ୍ତି। ବଜାରରେ ୧୧ ବର୍ଷ ଧରି ପୂଜା ଅନୁଷ୍ଠିତ ହେଉଛି। ଚଳିତବର୍ଷ ମିଳିତ ବଜାର ପୂଜା କମିଟି ସହ ମିଶିବା ଲାଗି ଆବେଦନ କରାଯାଇଥିବା ସୂଚନା ଦିଆଯାଇଛି। ସୁଜିତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ନତଡ଼ାରେ ଭାଗବତ ମହୋତ୍ସବ

**ତାଳଚେର, ୧୨।୯(ନି.ପ୍ର.)**

ଛେଣ୍ଡିପଡା ବ୍ଲକ ନତଡା ଗ୍ରାମରେ ଭାଗବତ ମହୋତ୍ସବ ଓ ଭାଗବତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନତଡା ଭାଗବତ ପ୍ରସାର ସମିତି ଓ ଜିଲା ଆମ ପୁରାଣ ଆମ ସଂସ୍କୃତି ଅନୁଷ୍ଠାନର ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ସୁଧାକର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରଣତୀ ପ୍ରଧାନ, ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ସହସମ୍ପାଦକ ବିଭୂତି ଭୂଷଣ ସାହୁ, ଉତ୍କଳୀୟ ଦଣ୍ଡ ସଂସ୍କୃତି ସମାଜ ମଙ୍ଗଳ ସଂଘ ସଭାପତି ହରମୋହନ ସାହୁ, ବିଜୟ ଦାଶ, କଳାକାର ସଂଘ ସଭାପତି ଡ. ନବଘନ ସାମଲ, ସମ୍ପାଦକ ବିକାଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଗବେଷକ ବିଭୂତି ଭୂଷଣ ସାହୁ, ମଞ୍ଚ ଅଭିନେତା ହେମନ୍ତ ଦାସ ବିଚାରକ ଦାୟିତ୍ୱ ତୁଲାଇଥିବା ବେଳେ ଅରୁଣ ଗଡନାୟକ, ରାହାସ ଚନ୍ଦ୍ର ବିଶ୍ୱାଳ, ଗୀତାମୟୀ ମହାପାତ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଓ ଉତ୍କଳୀୟ ଦଣ୍ଡ ସଂସ୍କୃତି ସମାଜ ମଙ୍ଗଳ ସଂଘ ସଭାପତି ହରମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାର୍କଣ୍ଡ ଦାସ, ମାନସ କର, ଗୌତମ ନାୟକ, ଲିଲି ପ୍ରଧାନ, ଗୋବିନ୍ଦ ସାମନ୍ତ ସହଯୋଗ କରିଥିଲେ। ଯୋଗେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଦୁର୍ଗାବଜାର ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

# ପ୍ରକାଶ ସଭାପତି, ପ୍ରଶାନ୍ତ ସମ୍ପାଦକ

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ଦୁର୍ଗାବଜାର ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରଫୁଲ୍ଲ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରକାଶ ମହାନ୍ତି, ସମ୍ପାଦକ ପ୍ରଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଭାବେ ପ୍ରତାପ ମହାନ୍ତି ଚୟନ ହୋଇଛନ୍ତି। ଯୁବ କମିଟିରେ ସନ୍ଦୀପ ମହାନ୍ତି, ନୀଲମ୍ ମହାନ୍ତି, ଧର୍ମେନ୍ଦ୍ର ଦାସ, ପ୍ରତୀଶ ମହାନ୍ତି, ସୁଜିତ୍ ମହାନ୍ତି, ରାକେଶ ମହାନ୍ତି, ସୁବ୍ରତ ମାଝି, ସୁଶାନ୍ତ ଦାସ, ସୌରଭ ମହାନ୍ତି ପ୍ରମୁଖ ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ, ୧୯୭୫ରୁ ଅର୍ଜୁନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପୂଜା ଚଳିତବର୍ଷ ୪୭ ବର୍ଷରେ ପହଞ୍ଚିଛି। ଏବର୍ଷ ୧୧ଦିନ ବ୍ୟାପି ମହାଆଡମ୍ବରରେ ପୂଜା ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ମହାନ୍ତି, ସନ୍ତୋଷ ମହାପାତ୍ର, ସୁଶାନ୍ତ ମହାପାତ୍ର, ବାବୁଲି ସିଂ, ହେମନ୍ତ ମହାନ୍ତି, ଭ୍ରମରବର ସାହୁ, ଦେବ ସାହୁ, ଦିଲୀପ ମହାନ୍ତି, ଗଜେନ୍ଦ୍ର ମହାନ୍ତି, ଗୋପୀନାଥ ଦାସ, ବୁଲୁ ସିଂଙ୍କ ସମେତ ସାହିର ବହୁ ଯୁବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଦୁର୍ଗାବଜାର ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତାମାନେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଚ୍ଛନ୍ନ ରଖ, ଟିକାକରଣକୁ ଗୁରୁତ୍ୱ ଦିଅ

- ■କୋଭିଡ୍ ପରିଚାଳନା, ଉନ୍ନୟନ କାର୍ଯ୍ୟ ସମୀକ୍ଷା
- ■ସରକାରୀ ଜମି ଜବରଦଖଲ ମୁକ୍ତ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ସୋମବାର କୋଭିଡ୍ ପରିଚାଳନା ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ, ବିଡିଓ, ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟି ମିଳିତ ଯୋଜନା କରି ଛାତ୍ରୀଛାତ୍ରଙ୍କୁ କୋଭିଡ୍ ଟିକାକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଚ୍ଛନ୍ନ ରଖିବା ଲାଗି ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି।

୧୨ରୁ ୧୪, ୧୫ରୁ ୧୭, ୧୮ରୁ ୫୯ବର୍ଷର ବ୍ୟକ୍ତି, ଏବଂ ଫ୍ରଣ୍ଟଲାଇନ୍ ୱାର୍କରଙ୍କ ଟିକାକରଣ ସମ୍ପର୍କରେ ଜିଲାପାଳ ବିଡିଓଙ୍କ ସହିତ ଆଲୋଚନା କରିଛନ୍ତି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ପରିଷ୍କାର ରଖିବା, କ୍ୟାଣ୍ଟିନ, ଖାଦ୍ୟ ଯୋଗାଣ ବ୍ୟବସ୍ଥା, ମାସ୍କ ଯୋଗାଣ, ବିଭିନ୍ନ ପରୀକ୍ଷା ନିମନ୍ତେ ସହଯୋଗ କରିବା, ଆବଶ୍ୟକସ୍ଥଳେ ରୋଗୀଙ୍କୁ ଅଧିକ ଚିକିତ୍ସା ଲାଗି ସ୍ଥାନାନ୍ତର ପ୍ରକ୍ରିୟା ବ୍ୟବସ୍ଥିତ କରିବା ଲାଗି ଦକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜନ କରିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟରେ ୧୪୬ ଏବଂ ତୃତୀୟ ପର୍ଯ୍ୟାୟରେ ୫୩ ସ୍କୁଲ ରୂପାନ୍ତରଣ ହୋଇଛି। ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ଆବଶ୍ୟକ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମାପନ କରିବା, ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷକଙ୍କ ସମସ୍ୟାର ସମାଧାନ ଲାଗି ଜିଲା ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ପିଲାମାନଙ୍କ ଆବଶ୍ୟକତା ଦୃଷ୍ଟିରୁ ଯଥାଶୀଘ୍ର ଆବଶ୍ୟକ ପ୍ରମାଣପତ୍ର ଯୋଗାଇ ଦେବାକୁ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଛି। ଗ୍ରାମସଭା ମାଧ୍ୟମରେ ପ୍ରକୃତ ଭୂମିହୀନଙ୍କୁ ଜମି ପ୍ରଦାନ, ବେବନ୍ଦୋବସ୍ତ ମ୍ୟୁଟେଶନ ମାମଲାର ସମାଧାନ, ଜବରଦଖଲକାରୀଙ୍କ କବଳରୁ ସରକାରୀ ଜମି ଉଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



କୋଭିଡ୍ ପରିଚାଳନା ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା।

ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରଓ୍ୱନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

